## ସଂକ୍ଷେପରେ

### ଅନୁଗୋଳ ସିଡିଏମ୍‌ଓ ପଜିଟିଭ୍

**ଅନୁଗୋଳ ଅଫିସ, ୪।୧୧:** ଅନୁଗୋଳ ସିଡିଏମ୍‌ଓ ଡାକ୍ତର ଅଭୟ କୁମାର ଦାଶ କରୋନାରେ ସଂକ୍ରମିତ ହୋଇଛନ୍ତି। ସେ ହୋମ୍ ଆଇସୋଲେସନ୍‌ରେ ରହି ଚିକିତ୍ସିତ ହେଉଛନ୍ତି। ସିଡିଏମ୍‌ଓ ଆକ୍ରାନ୍ତ ହେବା ପରେ ଡାକ୍ତରଖାନା କର୍ମଚାରୀମାନେ ଚିନ୍ତାରେ ପଡିଛନ୍ତି। ପୂର୍ବାହ୍ନରେ ସିଡିଏମ୍‌ଓ ପଜିଟିଭ୍ ଜଣାପଡ଼ିବାରୁ କର୍ମଚାରୀମାନେ କାର୍ଯ୍ୟାଳୟ ଭିତରକୁ ଯାଇ ନ ଥିଲେ। ଦୀର୍ଘ ସମୟ ଧରି ବାହାରେ ବସିରହିବା ଯୋଗୁ କାର୍ଯ୍ୟାଳୟ ଏକ ପ୍ରକାର ଠପ୍ ହୋଇଯାଇଥିଲା। ତାହାକୁ ସାନିଟାଇଜ୍ କରାଯିବା ପରେ ଗୋଟିଏ ଦିନ ପାଇଁ ବନ୍ଦ କରାଯାଇଥିବା ସୂଚନା ମିଳିଛି। ସେହିପରି ୩ ଦିନ ପରେ ତାଙ୍କ ସଂସ୍ପର୍ଶରେ ଆସିଥିବା କର୍ମଚାରୀଙ୍କ ସ୍ୱାବ୍ ପରୀକ୍ଷା କରାଯିବ ବୋଲି ଜଣାପଡିଛି।

### କାଠ ବୋଝେଇ ଭ୍ୟାନ୍ ଜବତ

**ବଇଣ୍ଡା/ବନ୍ତଳା, ୪।୧୧(ଡି.ଏନ.ଏ.):** କିଶୋରନଗର ବ୍ଲକ ହଣ୍ଡପା ଥାନା ଲୁହାମୁଣ୍ଡା ମଝିସାହିରୁ ମଙ୍ଗଳବାର ବିଳମ୍ବିତ ରାତିରେ ହଣ୍ଡପା ବନ ବିଭାଗ ଓ ପୋଲିସ ଚଢ଼ାଉ କରି ଚୋରା ଶାଳ ଚଉକାଠ ବୋଝେଇ ଭ୍ୟାନ୍ ଜବତ କରିଛନ୍ତି। ଜବତ ୯୧ଟି ଚଉକାଠର ମୂଲ୍ୟ ୨ ଲକ୍ଷ ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ ଆକଳନ କରାଯାଇଛି। ହଣ୍ଡପା ରେଞ୍ଜର ଚୈତନ୍ୟ ବେହେରା, ଫରେଷ୍ଟର ସଞ୍ଜୟ କୁମାର ବେହେରା, ଫରେଷ୍ଟଗାର୍ଡ ପୁରୁଷୋତ୍ତମ ଦେହୁରୀ, ହଣ୍ଡପା ଥାନା ଏଏସ୍‌ଆଇ ପ୍ରମୋଦ ଆଇଚ ପ୍ରମୁଖ ଗାଡ଼ିର ପିଛା କରିଥିଲେ। ଅଭିଯୁକ୍ତମାନେ ଭ୍ୟାନ୍‌ଟିକୁ ଲୁହାମୁଣ୍ଡା ମଝିସାହିରେ ଛାଡି ଫେରାର ହୋଇଯାଇଛନ୍ତି। ସେହିପରି ଅନୁଗୋଳ ରେଞ୍ଜ ପୁରୁଣାଗଡ଼ ସେକ୍ସନ ମଦନମୋହନ ପାଟଣା ସାହିରେ ବେଆଇନ ଭାବେ ଶାଗୁଆନ କାଠ ରଖିଥିବା ଚନ୍ଦନ ହଂସଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି।

# କମର ଭାଙ୍ଗିଦେଲା କଟକଣା




**ଅନୁଗୋଳ ଅଫିସ, ୪।୧୧**

- ଚିନ୍ତାରେ ବାଣ ବ୍ୟବସାୟୀ, ଅଡୁଆରେ ମହାଜନ
- ଅନୁଗୋଳରେ ହୁଏ କୋଟିଏ ଟଙ୍କାର କାରବାର
- ସରକାର କ୍ଷତିପୂରଣ ଦେବାକୁ ଦାବି

କରୋନା କାରଣରୁ ଚଳିତବର୍ଷ ପୂଜା ଉତ୍ସବ ନିରାଡମ୍ବରରେ ପାଳନ କରାଯାଇଛି। ଫଳରେ ପ୍ରତିବର୍ଷ ଏହି ସମୟରେ ହେଉଥିବା କୋଟି କୋଟି ଟଙ୍କାର ବ୍ୟବସାୟ ମାଡ଼ ଖାଇଯାଇଛି। ମହାମାରୀକୁ ଦୃଷ୍ଟିରେ ରଖି ସରକାର ପର୍ବ ପାଳନ ନେଇ ସ୍ୱତନ୍ତ୍ର ନିୟମାବଳୀ ଜାରି କରୁଥିବାରୁ ଦୀପାବଳିରେ ମଧ୍ୟ ସେପରି କିଛି ଆଶଙ୍କା କରାଯାଉଥିଲା। କିନ୍ତୁ ବାଣ ବ୍ୟବସାୟ ଓ ଫୁଟାଇବା ସମ୍ପୂର୍ଣ୍ଣ ନିଷେଧ ଘୋଷଣା ଏହି ସିଜିନ୍ ବ୍ୟବସାୟୀଙ୍କ କମର ଏକପ୍ରକାର ଭାଙ୍ଗିଦେଇଛି। ସରକାର ଏହି କଟକଣା ଲଗାଇବାର ବହୁ ପୂର୍ବରୁ ଅନେକ ବ୍ୟବସାୟୀ ବାଣ କିଣିସାରିଥିବା ବେଳେ ଆହୁରି କେତେଜଣ ଏଥିପାଇଁ ମହାଜନଙ୍କୁ ବଇନା ମଧ୍ୟ ଦେଇସାରିଛନ୍ତି। ତେଣୁ ସମ୍ପୃକ୍ତ ବ୍ୟବସାୟୀମାନେ ଅର୍ଥ କିପରି ଫେରିପାଇବେ ତାହାକୁ ନେଇ ଚିନ୍ତାରେ ପଡ଼ିଥିବାରୁ ସରକାର କ୍ଷତିପୂରଣ ଦିଅନ୍ତୁ ବୋଲି ଦାବି ହେଉଛି।

ପ୍ରତିବର୍ଷ ଦୀପାବଳିରେ ଅନୁଗୋଳ ସହରରେ ପ୍ରାୟ କୋଟିଏ ଟଙ୍କାର ବାଣ ବ୍ୟବସାୟ ହୋଇଥାଏ। ମାତ୍ର ୩ରୁ ୪ ଦିନ ପାଇଁ ଷ୍ଟାଡିୟମରେ ଏହି କିଣାବିକା ହେଉଥିଲେ ବି ଦାମୀ ବାଣ କିଣିବାକୁ ସହରବାସୀଙ୍କ ମଧ୍ୟରେ ପ୍ରତିଯୋଗିତା ଚାଲେ। ଅଧିକ ବିକ୍ରି ହେଉଥିବା ବାଣର ଚାହିଦାକୁ ଦେଖି ବରାଦ ଦିଆଯାଇଥାଏ। ଏଥିସହ ନୂଆ ପ୍ରକାରର ତିଆରି ପାଇଁ ଆଗୁଆ ଟଙ୍କା ଦିଆଯାଇଥାଏ। ଚଳିତବର୍ଷ ଚାଇନାରୁ ଆସିବାର ନ ଥିଲେ ମଧ୍ୟ ଦେଶର ବିଭିନ୍ନ ରାଜ୍ୟରୁ ବାଣ ଆସିବା ଆରମ୍ଭ ହୋଇଥିଲା। ଅନୁଗୋଳର କାରବାର କରୁଥିବା ମହାଜନ ବା ହୋଲସେଲରମାନେ ଏହାକୁ ଆଣି ଅନ୍ୟ ବ୍ୟବସାୟୀମାନଙ୍କୁ ଯୋଗାଇ ଦେଉଥିବା ଦେଖାଯାଇଥିଲା। ଏହି ବେପାରରୁ ସର୍ବାଧିକ ଲାଭ ମିଳୁଥିବାରୁ କିଛି ବ୍ୟକ୍ତି ଲୋକାଲ ତିଆରି ଉପରେ ଗୁରୁତ୍ୱ ଦେଇଥିଲେ। କିନ୍ତୁ ସରକାର କଟକଣା ସମ୍ପର୍କରେ ହଠାତ୍ ଘୋଷଣା କରିବା ପରେ ଗୋଦାମ ମାଲିକଙ୍କ ଠାରୁ ଆରମ୍ଭ କରି ଛୋଟ ବ୍ୟବସାୟୀମାନେ ହରଡ଼ଘଣାରେ ପଡ଼ିଛନ୍ତି। ଅନ୍ୟପକ୍ଷରେ ସଚେତନ ସହରବାସୀ ସରକାରଙ୍କ ଏହି ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି।

#### ୬ ମାସ ଖର୍ଚ୍ଚ ଉଠିଯାଏ



ବାଣ ବ୍ୟବସାୟ ପାଇଁ ବର୍ଷକ ପୂର୍ବରୁ ପ୍ରସ୍ତୁତି ହୋଇଥାଏ। ଷ୍ଟାଡିୟମରେ ମାତ୍ର ୩ ଦିନ ବ୍ୟବସାୟରେ ୩ ଲକ୍ଷ ଟଙ୍କାର ବାଣ ବିକ୍ରି ହୋଇଯାଏ। ଏଥିରୁ ମିଳୁଥିବା ଲାଭ ଅର୍ଥରେ ୬ ମାସର ଖର୍ଚ୍ଚ ଉଠିଯାଏ। କିନ୍ତୁ ଚଳିତ ବର୍ଷ ବିକ୍ରି ଓ ଫୁଟାଇବା ଉପରେ କଟକଣା ଲାଗିବା ପରେ ବ୍ୟବସାୟୀଙ୍କ ଚିନ୍ତା ବଢ଼ିଯାଇଛି।

**–ରାହୁଲ କୁମାର ଦାସ, ବ୍ୟବସାୟୀ, ଅନୁଗୋଳ**

#### ଘର ଚଳାଇବା ମୁସ୍କିଲ ହୋଇଯିବ



ବିଭିନ୍ନ ସିଜନ ବ୍ୟବସାୟ ଚଳିତବର୍ଷ ମାଡ଼ ଖାଇଯାଇଛି। ଉତ୍ସବବିହୀନ ପୂଜା ପରି ଦୀପାବଳିରେ ବାଣ ବିକ୍ରି ଓ ଫୁଟାଇବା ଉପରେ କଟକଣା ଏହି ବ୍ୟବସାୟୀମାନଙ୍କ କମର ଭାଙ୍ଗି ଦେଇଛି। ତେଣୁ ପରିବାର ଚଳାଇବା କଷ୍ଟକର ହୋଇପଡ଼ିବ। ୨୦ ବର୍ଷ ବ୍ୟବସାୟରେ ଏହା ପ୍ରଥମ ଘଟଣା।

**–ପ୍ରଭୁଦତ୍ତ ସାହୁ, ବ୍ୟବସାୟୀ, ଅନୁଗୋଳ**

#### ଲଗାଯାଇଥିବା ଅର୍ଥ କେମିତି ଫେରିବ



ବାଣ ବ୍ୟବସାୟର ନିଶା ଅଲଗା ଓ ଲାଭ ମଧ୍ୟ ନିଆରା। ବେପାର ପରେ ବଳକା ସବୁକୁ ଫୁଟାଇ ମଜା ନିଆଯାଏ। ହେଲେ ଏବର୍ଷର କଟକଣା କଷ୍ଟଦାୟକ। କେତେଜଣ ବ୍ୟବସାୟୀ ବାଣ କିଣି ସାରିଥିବା ବେଳେ ଆଉ କେତେଜଣ ବଇନା ଦେଇଥିବାରୁ କିପରି ଅର୍ଥ ଫେରିପାଇବେ ସେ ନେଇ ଚିନ୍ତିତ ହୋଇପଡ଼ିଛନ୍ତି।

**–ଅଭିନାଶ ଜେନା, ବ୍ୟବସାୟୀ , ଅନୁଗୋଳ**

#### ସବୁ ବେପାର ବୁଡ଼ାଇଲା



କରୋନା ଚଳିତବର୍ଷ ସବୁ ବେପାର ବୁଡ଼ାଇଛି। ବାଣ ବ୍ୟବସାୟରୁ ବାହାରୁଥିବା ଲାଭରୁ ଅନ୍ୟ କ୍ଷତି ଭରଣା ହୋଇଥାଏ। ଏଥର କିନ୍ତୁ ଓଲଟା ହୋଇଗଲା। ପାଖାପାଖି ୮ରୁ ୧୦ ଲକ୍ଷ ଟଙ୍କାର ମାଲ୍ ଆସିବାର ଥିଲା। ଏ ନେଇ ମହାଜନଙ୍କୁ ଅଗ୍ରିମ ଦିଆଯାଇଥିଲା। କିନ୍ତୁ ସରକାର କଟକଣା ଲଗାଇବା ପରେ ପାଦ ତଳୁ ମାଟି ଖସି ଯାଇଛି।

**–ରଶ୍ମିରଞ୍ଜନ ସାମଲ, ବ୍ୟବସାୟୀ, ଅନୁଗୋଳ**

# ଦୁର୍ନୀତି ଅଭିଯୋଗ ଆଣିଲା ଭାଜପା

## ପୁଣି ଟାର୍ଗେଟ୍‌ରେ ଫୁଲପଡ଼ା ପଞ୍ଚାୟତ

**ଅନୁଗୋଳ ଅଫିସ, ୪।୧୧**

ଅନୁଗୋଳ ଜିଲା ବଣ୍ଟାଁରପାଳ ବ୍ଲକ ଫୁଲପଡ଼ା ପଞ୍ଚାୟତରେ ହେଉଥିବା ଦୁର୍ନୀତି ନେଇ ମଙ୍ଗଳବାର ଭାଜପା ପକ୍ଷରୁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଏଥିସହ ଅପରାହ୍ନରେ ଖବରଦାତା ସମ୍ମିଳନୀରେ ସରକାରୀ କଳର କଳାକାରନାମା ନେଇ ଦଳ ପକ୍ଷରୁ ଅସନ୍ତୋଷ ପ୍ରକାଶ କରାଯାଇଛି।

ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ ଅଭିଯୋଗ କରିଛନ୍ତି ଯେ, ଫୁଲପଡ଼ା ପଞ୍ଚାୟତରେ କେବଳ ଭତ୍ତା କି ରାଶନରେ ନୁହେଁ ବରଂ ବିଭିନ୍ନ ସରକାରୀ ଯୋଜନାରେ ଦୁର୍ନୀତି କରାଯାଇଛି। ପଞ୍ଚାୟତର ୮ ଜଣ ସରକାରୀ ଚାକିରିଆ ଓ ପେନସନଧାରୀ ଚଞ୍ଚକତା କରି ରାଶନ କାର୍ଡ, ମଧୁବାବୁ ପେନସନ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛନ୍ତି। ଦୁଇଟି ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ ହୋଇଥିବା ଦର୍ଶାଯାଇଥିବାବେଳେ ପ୍ରକୃତରେ ଗୋଟିଏ କରାଯାଇଛି। ସେହିପରି ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଲକ୍ଷାଧିକ ଟଙ୍କା ଆତ୍ମସାତ କରାଯାଇଛି। ୨ଟି କୋଠଘର ନିର୍ମାଣ କରା ନ ଯାଇ ଟଙ୍କା ହଡ଼ପ୍ କରାଯାଇଛି। ନଳକୂପ ଖୋଳା, ରାସ୍ତା ନିର୍ମାଣରେ ଦୁର୍ନୀତି ହୋଇଛି। ମୃତ ଜବ୍‌କାର୍ଡଧାରୀଙ୍କ ନାମରେ ଟଙ୍କା ଉଠାଣ କରାଯାଇଛି। ନୂଆ ଜିଲାପାଳ ଏହାର ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଭାଜପା ପକ୍ଷରୁ ଦାବି କରାଯାଇଛି। ଏହି ଖବରଦାତା ସମ୍ମିଳନୀରେ ଭାଜପା ଜିଲା ସଭାପତି ଦିଲେଶ୍ୱର ପ୍ରଧାନ, ପ୍ରଶାନ୍ତ ତ୍ରିପାଠୀ, ଯୋଗେଶ୍ୱର ଗଡ଼ନାୟକ, ପପୁ ବେହେରା, ଅମିୟ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।



ଅନୁଗୋଳ ଭାଜପା ପକ୍ଷରୁ ଖବରଦାତା ସମ୍ମିଳନୀ।

## ରାଷ୍ଟ୍ରୀୟଓ ମଜଦୁର କଂଗ୍ରେସର ପ୍ରତିବାଦ

**କଣିହାଁ, ୪।୧୧(ଡି.ଏନ.ଏ.)**

ରାଷ୍ଟ୍ରୀୟଓ ମଜଦୁର କଂଗ୍ରେସ (ଆଇଏନ୍‌ଟିୟୁସି) ରାଜ୍ୟ ଶାଖା ନିଷ୍ପତ୍ତି କ୍ରମେ ବୁଧବାର କଣିହାଁ ବ୍ଲକରେ ଜିଲା ଶାଖା ସଂଘ ପକ୍ଷରୁ ସରକାରଙ୍କ ଶ୍ରମିକମାରଣ ନୀତିବିରୋଧରେ ପ୍ରତିବାଦ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟୁତ୍ ଦର ବୃଦ୍ଧି, ରାଷ୍ଟ୍ରୀୟଓ ଉଦ୍ୟୋଗର ଘରୋଇକରଣକୁ ବିରୋଧ କରି ତହସିଲଦାରଙ୍କ କାର୍ଯ୍ୟାଳୟରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ସଙ୍ଗଠନର ବିମଳ ପ୍ରଧାନ, ଦିଗାମ୍ବର ଗଡନାୟକ, ନିର୍ମଳ ସାମଲ, ପରେଶ ଜେନା, ରାଜକିଶୋର ସାହୁ, ସତ୍ୟାନନ୍ଦ ସାହୁ, ଦେବଦତ୍ତ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।

### ପ୍ରାଣୀମିତ୍ରଙ୍କୁ ଆକ୍ରମଣ, ୨ ଗିରଫ

**ଆଠମଲ୍ଲିକ, ୪।୧୧(ଡି.ଏନ.ଏ.):** ଜଣେ ମହିଳା ପ୍ରାଣୀମିତ୍ରଙ୍କୁ ଆକ୍ରମଣ ଅଭିଯୋଗରେ ଆଠମଲ୍ଲିକ ପୋଲିସ ନଅଗାଁ ଗ୍ରାମର ଶମ୍ଭୁ ବେହେରା(୪୬) ଏବଂ ତାଙ୍କ ସ୍ତ୍ରୀ ତରଙ୍ଗିନୀ ବେହେରା(୨୬)ଙ୍କୁ ବୁଧବାର ଗିରଫ କରି କୋର୍ଟଚାଲାଣ କରିଛି। ପୋଲିସ କହିଛି, ସେହି ଗ୍ରାମର ଜ୍ୟୋସ୍ନାରାଣୀ ବେହେରା ଓଡ଼ିଶା ଜୀବିକା ମିଶନର ପ୍ରାଣୀମିତ୍ର ରୂପେ କାର୍ଯ୍ୟ କରନ୍ତି। ସକାଳୁ ତରଙ୍ଗିନୀ ଓ ଶମ୍ଭୁ ଗାଈ ଛେଳିଙ୍କ ଟିକା ପାଇଁ ଜ୍ୟୋସ୍ନାଙ୍କ ପାଖକୁ ଯାଇଥିଲେ। ଟିକା ସରିଯାଇଥିବା ଜ୍ୟୋସ୍ନା କହିବାରୁ ତରଙ୍ଗିନୀ ଓ ଶମ୍ଭୁ ତାଙ୍କୁ ମାଡ଼ ମାରିବା ସହ ପଥରରେ ମୁଣ୍ଡକୁ ଛେଚି ଦେଇଥିଲେ। ମହିଳା ପ୍ରାଣୀମିତ୍ରଙ୍କୁ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏ ସଂକ୍ରାନ୍ତରେ ଆଇଆଇସି ପ୍ରିୟବ୍ରତ ଦାଶ ନଂ. ୧୫୬/୨୦ରେ ମାମଲା ରୁଜୁ କରିଛନ୍ତି।

## ପୂର୍ବ ଶତ୍ରୁତାରୁ ହତ୍ୟାକାଣ୍ଡ

### ଜଣେ ଭାଇ ମୃତ, ଅନ୍ୟ ଜଣେ ଗୁରୁତର

**ଅନୁଗୋଳ ଅଫିସ/ବନ୍ତଳା, ୪।୧୧**

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଅନୁଗୋଳ ଥାନା ଅଞ୍ଚଳରେ ବୁଧବାର ସନ୍ଧ୍ୟାରେ ଦୁଇଭାଇଙ୍କୁ ଆକ୍ରମଣ ହୋଇଛି। ଏଥିରେ ମୂଷାପାପୁଲି ଗ୍ରାମର ଦୁଷ୍ମନ୍ତ ସେନାପତିଙ୍କ ମୃତ୍ୟୁ ହୋଇଥିବାବେଳେ ତାଙ୍କ ଭାଇ ଦୁଃଶାସନ ଗୁରୁତର ହୋଇଛନ୍ତି। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଦୁର୍ବୃତ୍ତମାନେ ଭୁଜାଲି ସହ ଗୁଳି ମାଡ଼ କରିଥିବା ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଚଳାଇଛି। ଆକ୍ରମଣକାରୀ ଫେରାର ହୋଇଯାଇଛନ୍ତି।

ପୋଲିସ ସୂଚନା ମୁତାବକ, ଦୁଃଶାସନ ଓ ଦୁଷ୍ମନ୍ତ ୫୫ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଛିଡ଼ା ହୋଇଥିବାବେଳେ ଦୁଇ ଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ଭୁଜାଲିରେ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ଦୁଷ୍ମନ୍ତଙ୍କ ମୃତ୍ୟୁ ଘଟିଥିଲା। ଦୁଃଶାସନଙ୍କୁ କଟକ ପଠାଯିବାକୁ ବ୍ୟବସ୍ଥା କରାଯାଉଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡିଛି। ଏସ୍‌ଡିପିଓ ଅଶ୍ୱିନୀ ସାହୁ, ଏସ୍‌ଆଇ ପ୍ରକାଶ ଚନ୍ଦ୍ର ମାଝି, ବିପ୍ଳବ ସାହୁ ଓ ସତ୍ୟ ରଞ୍ଜନ ଲେଙ୍କା ପହଞ୍ଚି ତଦନ୍ତ କରିଛନ୍ତି। ଜମିଜମା ବିବାଦ ତଥା ପୂର୍ବ ଶତ୍ରୁତାରୁ ଏହି ଆକ୍ରମଣ କରାଯାଇଥିବା ପୋଲିସ ଜାଣିବାକୁ ପାଇଛି। ଏସ୍‌ଡିପିଓ ସାହୁ କହିଛନ୍ତି, ଗୁଳି ମାଡ଼ ନେଇ କୌଣସି ପ୍ରମାଣ ମିଳିନାହିଁ। ମୃତକଙ୍କ ଶରୀରରେ ହଣାକଟା ଦାଗ ରହିଛି। ଅଭିଯୁକ୍ତଙ୍କ ବିଷୟରେ ସୂଚନା ମିଳିଥିବାରୁ ଖୁବ୍‌ଶୀଘ୍ର ଗିରଫ କରାଯିବ।

### ପୋଲ ତଳକୁ ଖସିଲା ବାଇକ୍, ଜଣେ ମୃତ

**ବଇଣ୍ଡା, ୪।୧୧(ଡି.ଏନ.ଏ.)**

କିଶୋରନଗର ଥାନା ରାଇବାହାଳ ନିକଟରେ ବୁଧବାର ସକାଳେ ପୋଲ ତଳକୁ ଏକ ବାଇକ୍ ଖସି ପଡିଛି। ଏଥିରେ ବାଇକ୍ ଚାଳକ ଆଠମଲ୍ଲିକ ଥାନା ରାମେଶ୍ୱର ପାଟଣା ଗ୍ରାମର ବିନୋଦ ପାଣ୍ଡେଙ୍କ ମୃତ୍ୟୁ ଘଟିଛି। ପଛରେ ବସିଥିବା ସେହି ଗ୍ରାମର ଭୀମସେନ ମଲ୍ଲିକ ଗୁରୁତର ହୋଇଛନ୍ତି। ତାଙ୍କୁ ଆଠମଲ୍ଲିକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି। ପୋଲିସ କହିଛି, ବାଇକ୍ (ଓଡି ୧୯ ଏଚ୍ ୪୬୮୦) ଯୋଗେ ବିନୋଦ ଓ ଭୀମସେନ କିଶୋରନଗରରୁ ରାମେଶ୍ୱର ପାଟଣାକୁ ଯାଉଥିବାବେଳେ ପୋଲଠାରେ ପିଟି ହୋଇ ଖସିପଡିଥିଲେ। ବାଇକ୍‌ଟିକୁ ଜବତ କରାଯିବା ସହ ନଂ. ୧୬୪/୨୦ରେ ଏକ ମାମଲା ରୁଜୁ କରାଯାଇଛି।

## ପାଇଥିବା ପର୍ସ ଫେରାଇ ପ୍ରଶଂସିତ

**ବଇଣ୍ଡା, ୪।୧୧(ଡି.ଏନ.ଏ.)**

ଟଙ୍କା ଓ ସୁନା ହାର ଥିବା ଏକ ପର୍ସ ରାସ୍ତାରୁ ପାଇବା ସହ ଠିକଣା ଖୋଜି ତାହାକୁ ଫେରାଇ ଦେଇ ଉଚ୍ଚ ପ୍ରଶଂସିତ ହୋଇଛନ୍ତି ଅନୁଗୋଳ ଜିଲା କିଶୋରନଗର ବ୍ଲକ ଘନପୁର ଗ୍ରାମର ବ୍ୟବସାୟୀ ରାଜେନ୍ଦ୍ର ସାହୁ। ରାଜେନ୍ଦ୍ରଙ୍କ ଏହି ମହାନତା ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି।

ପ୍ରକାଶ ଯେ, ମଙ୍ଗଳବାର ସନ୍ଧ୍ୟାରେ ଘନପୁର ଗ୍ରାମର ବିଦ୍ୟୁତ୍‌ପ୍ରଭା ପ୍ରଧାନ ଘରକୁ ଫେରୁଥିବାବେଳେ ତାଙ୍କ ପର୍ସ ରାସ୍ତା ଉପରେ ଖସିପଡିଥିଲା। ପରେ ସେହି ରାସ୍ତା ଦେଇ ଯାଉଥିବାବେଳେ ରାଜେନ୍ଦ୍ର ତାହାକୁ ପାଇଥିଲେ। ଖୋଲି ଦେଖିବାରୁ ସେଥିରେ ସୁନା ହାର ସହ କିଛି ଟଙ୍କା ଓ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ରହିଥିଲା। ଏହାକୁ ହଜାଇଥିବା ମହିଳା କିପରି ମାନସିକ ଚାପରେ ଥିବେ ତାହା ଭାବି ରାଜେନ୍ଦ୍ର ଚିନ୍ତିତ ହୋଇପଡ଼ିଥିଲେ। ତେବେ ହଜିଲା ସାମଗ୍ରୀ କେମିତି ମହିଳାଜଣକ ଫେରିପାଇବେ ତାହା ଭାବି ରାଜେନ୍ଦ୍ର ସୋସିଆଲ ମିଡିଆର ସହାୟତା ନେଇଥିଲେ। ପର୍ସ ହଜିଥିବା ସମ୍ପର୍କରେ ସେ ସୋସିଆଲ ମିଡିଆରେ ପୋଷ୍ଟ କରିବା ପରେ ବିଦ୍ୟୁତ୍‌ପ୍ରଭା ତାଙ୍କ ସହ ଯୋଗାଯୋଗ କରିଥିଲେ। ବୁଧବାର ଉପଯୁକ୍ତ ପ୍ରମାଣ ଦେଇ ବିଦ୍ୟୁତ୍‌ପ୍ରଭା ରାଜେନ୍ଦ୍ରଙ୍କଠାରୁ ପର୍ସ ନେଇଥିବା ସୂଚନା ମିଳିଛି।



ପାଇଥିବା ପର୍ସ ବିଦ୍ୟୁତ୍‌ପ୍ରଭାଙ୍କୁ ଫେରାଉଛନ୍ତି ରାଜେନ୍ଦ୍ର ସାହୁ।

### ପଥରଗଡ଼ରେ ମଦ ବିରୋଧୀ ଅଭିଯାନ

**ବନ୍ତଳା, ୪।୧୧(ଡି.ଏନ.ଏ.):** ଅନୁଗୋଳ ଜିଲା ଶରଧାପୁର ପଞ୍ଚାୟତ ପଥରଗଡ଼ରେ ବିଷାକ୍ତ ମଦ ପିଇ ୪ ଜଣଙ୍କ ମୃତ୍ୟୁ ହେବା ଏବଂ ଆହୁରି ୪ ଜଣ ଗୁରୁତର ହେବା ପରେ ବି ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହୋଇଛି। ଅନୁଗୋଳ ସେବା ଚାରିଟେବୁଲ ଟ୍ରଷ୍ଟ ଅଧ୍ୟକ୍ଷ ଚିନ୍ମୟୀ ଦାସ, ଜଗନ୍ନାଥ ମୁଦୁଲି ପ୍ରମୁଖ ବୁଧବାର ସକାଳେ ପଥରଗଡ ଯାଇ ମୃତକଙ୍କ ଓ ଗୁରୁତରଙ୍କ ପରିବାରକୁ ଭେଟି ସମବେଦନା ଜଣାଇଥିଲେ। ଏଥିସହ ଏକ ସଚେତନତା ସଭା ଓ ମଦ ବିରୋଧୀ ଶୋଭାଯାତ୍ରାର ଆୟୋଜନ କରିଥିଲେ।

### ବସ୍ ଧକ୍କାରେ ବାଇକ୍ ଚାଳକ ମୃତ

**ବଣ୍ଟାଁରପାଳ, ୪।୧୧(ଡି.ଏନ.ଏ.):** ଅନୁଗୋଳ ଜିଲା ନାଲ୍‌କୋ ଥାନା ଅନ୍ତର୍ଗତ ୫୫ ନମ୍ବର ଜାତୀୟ ରାଜପଥର ନାଲ୍‌କୋ କୃଷକ ବଜାର ନିକଟରେ ବୁଧବାର ସକାଳେ ଏକ ବସ୍ ଓ ବାଇକ୍ ଧକ୍କା ହୋଇଛି। ଏଥିରେ ବାଇକ୍ ଚାଳକ ବସନ୍ତ ବାରିକ(୫୫) ମୃତ୍ୟୁ ଘଟିଛି। ତାଙ୍କ ଘର ବନ୍ତଳା ଅଞ୍ଚଳରେ ବୋଲି ଜଣାପଡଛି। ବସନ୍ତ କାଣ୍ଡସର ଆଡକୁ ଯାଉଥିବା ବେଳେ ବିପରୀତ ପାର୍ଶ୍ୱରୁ ଆସୁଥିବା ବସ୍‌ଟି ବାଇକ୍‌କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଉତ୍ତେଜନା ଦେଖାଯିବା ସହ ସ୍ଥାନୀୟ ଲୋକେ କିଛି ସମୟ ରାସ୍ତାରୋକୋ କରିଥିଲେ। ଖବରପାଇ ତୁରନ୍ତ ନାଲ୍‌କୋ ପୋଲିସ ପହଞ୍ଚି ତଦନ୍ତ କରିବା ସହ ବୁଝାଶୁଝା କରିଥିଲା।

# ହାତୀ ଘଉଡ଼ାଇବାକୁ ରାତି ଅନିଦ୍ରା

**ଖମାର,୪।୧୧**

- ମଞ୍ଚାରେ ଜଗି ବସୁଛନ୍ତି ଚାଷୀ
- ଅନେକ ସମୟରେ ଯାଉଛି ଜୀବନ
- କର୍ମଚାରୀ କମ୍ ଥିବା ମାନିଲା ବନ ବିଭାଗ

ହାତୀ ଖାଇଯାଉଛନ୍ତି ଧାନ ଫସଲ। ବାର୍ହା ମଧ୍ୟ ନଷ୍ଟ କରୁଛନ୍ତି ଚାଷ। ବାରମ୍ବାର ଅଭିଯୋଗ ପରେ ବି ବନ୍ୟଜନ୍ତୁ ଉପଦ୍ରବ ରୋକିପାରୁନି ବନ ବିଭାଗ। ତେଣୁ ନିଜ ଫସଲ ବଞ୍ଚାଇବାକୁ ମଞ୍ଚାରେ ରାତି ଅନିଦ୍ରା ହୋଇ ଜଗି ବସୁଛନ୍ତି ଚାଷୀ। ଏଥିପାଇଁ କେତେବେଳେ କିଏ ହାତୀ ହାବୁଡ଼ରେ ପଡୁଛନ୍ତି ତ ଆଉ କେବେ ବାର୍ହା ଆକ୍ରମଣର ଶିକାର ହେଉଛନ୍ତି। ଅନେକଙ୍କ ଜୀବନ ମଧ୍ୟ ନେଲେଣି ଏହି ବନ୍ୟଜନ୍ତୁ। ତଥାପି ବର୍ଷକର ଦାନା ବଞ୍ଚାଇବାକୁ ଜୀବନକୁ ବାଜି ଲଗାଉଥିବା କହିଛନ୍ତି ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକ ଖମାର ରେଞ୍ଜ ଅଞ୍ଚଳର ଚାଷୀମାନେ।



ଚାଷୀମାନେ ଗଛ ଉପରେ ବାନ୍ଧିଥିବା ମଞ୍ଚା।

ସେମାନଙ୍କ କହିବା ଅନୁଯାୟୀ, ଦେବଗଡ଼ ବନଖଣ୍ଡର ଖମାର ରେଞ୍ଜ ଅଞ୍ଚଳରେ ହାତୀ ଓ ବାର୍ହା ଉପଦ୍ରବ ଦିନକୁ ଦିନ ବଢି ଚାଲିଛି। ଏଥିଯୋଗୁ ପ୍ରତିବର୍ଷ ଶତାଧିକ ଏକର ଜମିରେ ଫସଲ ନଷ୍ଟ ହେଉଛି। ଅତୀତରେ ହୋଇଥିବା କ୍ଷତି ଏଯାଏ ସମ୍ପୂର୍ଣ୍ଣ ଭରଣା ହୋଇ ନ ଥିବାବେଳେ ଚଳିତବର୍ଷ ବନ୍ୟଜନ୍ତୁ ଚାଷୀମାନଙ୍କୁ ସର୍ବସ୍ୱାନ୍ତ କରିଦେଲେଣି। ବିଶେଷକରି ମହାମାରୀ କରୋନା ପାଇଁ ଅନ୍ୟ ରୋଜଗାର ନ ଥିବାବେଳେ ସର୍ବାଧିକ ଲୋକ ଚାଷ ଉପରେ ନିର୍ଭରଶୀଳ ହୋଇପଡ଼ିଛନ୍ତି। ସହରରେ କର୍ମସଂସ୍ଥାନ ହରାଇ ଖମାର ଅଞ୍ଚଳର ଅନେକ ଲୋକ ଗାଁକୁ ଫେରି ଚାଷକୁ ମୁଖ୍ୟ ଆୟ ଭାବେ ଧରିନେଇଛନ୍ତି। କିନ୍ତୁ ସେମାନଙ୍କ ଆଖି ଆଗରେ ଫସଲ ନଷ୍ଟ ହେଉଥିବା ବେଳେ ବନ ବିଭାଗ ପ୍ରତିକାର ବ୍ୟବସ୍ଥା କରିପାରୁ ନ ଥିବାରୁ ଶଙ୍ଖମୁର, ଖମାର, ବଦସଡ଼ା, ଅଲୋରୀ, ଇଞ୍ଜିଡ଼, କୁଞ୍ଜାମ, ମୁଣ୍ଡୁରିବେଡା ଆଦି ପଞ୍ଚାୟତର ଚାଷୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ସମ୍ପୃକ୍ତ ଅଞ୍ଚଳର ଚାଷୀମାନେ ଫସଲ ରକ୍ଷାପାଇଁ ବିଲରେ ମଞ୍ଚା ବାନ୍ଧି ସେଠାରେ ରାତିରେ ଜଗି ରହୁଛନ୍ତି। ଏହି ଚାଷୀମାନଙ୍କ ମଧ୍ୟରୁ କେତେଜଣ ସାପ କାମୁଡା ଓ ବାର୍ହା ଆକ୍ରମଣର ଶିକାର ହୋଇଛନ୍ତି। କେହି କେହି ହାତୀ ହାବୁଡ଼ରେ ପଡ଼ି ଗୁରୁତର ହୋଇଛନ୍ତି। କେତେଜଣଙ୍କ ଜୀବନ ମଧ୍ୟ ଯାଇଛି। କେବଳ ଏତିକିରେ ସେମାନଙ୍କ ସମସ୍ୟା ଶେଷ ହୋଇନାହିଁ। ହାତୀପଲ ଗାଁରେ ପଶି ଘର ଭାଙ୍ଗିବା ସହ ଅମଳ ହୋଇ ରହିଥିବା ଧାନ, ଗହମ, ମୁଗ, ବୁଟ, ବିରି ଆଦି ଖାଇ ନଷ୍ଟ କରୁଛନ୍ତି। ହାତୀ ଉପଦ୍ରବ ରୋକିବାକୁ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ ହୋଇଥିଲେ ମଧ୍ୟ ସେମାନେ ଏ କ୍ଷେତ୍ରରେ ବିଫଳ ହୋଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।

#### ବନ ବିଭାଗ ଦାୟୀ



ହାତୀ ଉପଦ୍ରବ ଯୋଗୁ ଚାଷୀ ସର୍ବଦା କ୍ଷୟକ୍ଷତି ଚିନ୍ତାରେ ରହୁଛନ୍ତି। ଜଙ୍ଗଲ ନଷ୍ଟ ହେଉଥିବାରୁ ହାତୀପଲ ଗାଁ ମୁହାଁ ହେଉଛନ୍ତି। ଏଥିପାଇଁ ବନ ବିଭାଗ ଦାୟୀ। ସେମାନଙ୍କ ମନମୁଖି କାର୍ଯ୍ୟ ଯୋଗୁ ଜଙ୍ଗଲର ସୁରକ୍ଷା ହୋଇପାରୁନି। ଏହାର ପ୍ରତିକାର ବ୍ୟବସ୍ଥା ତୁରନ୍ତ କରାଯାଉ।

**ସରୋଜ କୁମାର ସାହୁ**
**–ଜିଲା ପରିଷଦ ସଭ୍ୟ, ପାଲଲହଡ଼ା**

#### ସମସ୍ୟା ନ ସୁଧାରିଲେ ଆନ୍ଦୋଳନ



ଚାଷୀ ଓ ଚାଷର ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଦିନରେ ଜମିରେ ପରିଶ୍ରମ କରି ରାତିରେ ଫସଲ ଜଗିବା ଚାଷୀମାନଙ୍କ ପକ୍ଷେ କଷ୍ଟକର ହୋଇପଡୁଛି। ହାତୀପଲ ବହୁ କ୍ଷୟକ୍ଷତି ଘଟାଉଛନ୍ତି। ସମସ୍ୟା ନ ସୁଧୁରିଲେ ଆନ୍ଦୋଳନ କରାଯିବ।

**–ମୀନା ପ୍ରଧାନ, ସିପିଏମ୍ ନେତ୍ରୀ**

#### ସବୁ ଅଞ୍ଚଳର ସୁରକ୍ଷା ସମ୍ଭବ ହେଉନି



ବନ ବିଭାଗ ନିକଟରେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ନ ଥିବାରୁ ସବୁ ଅଞ୍ଚଳକୁ ଦେଖିବା ସମ୍ଭବ ହେଉନାହିଁ। ବର୍ଷକର ଖାଦ୍ୟ ବଞ୍ଚାଇବାକୁ ଚାଷୀମାନେ ଉଦ୍ୟମ ଚଳାଇଛନ୍ତି। ସାଧାରଣ ଲୋକଙ୍କୁ ଲାଇଟ, ବାଣ ଆଦି ଯୋଗାଇବାର କୌଣସି ବ୍ୟବସ୍ଥା ନାହିଁ। ଯେତିକି ସମ୍ଭବ ହେଉଛି ତାହା କରାଯାଉଛି।

**–ପ୍ରଦୀପ ଶତପଥୀ,**
**ଫରେଷ୍ଟର, ଖମାର ରେଞ୍ଜ**

#### ନିଶା ଟାଣି ଆଣୁଛି ହାତୀଙ୍କୁ



ଜଙ୍ଗଲ ପାଖ କେତେକ ଗାଁରେ ମହୁଲି ମଦ ପ୍ରଚୁର ପରିମାଣର ତିଆରି ହେଉଛି। ଫଳରେ ମହୁଲ ପୋଚ ଖାଇବାକୁ ହାତୀପଲ ଅନେକ ସମୟରେ ଜଙ୍ଗଲ ଛାଡ଼ି ଗାଁ ମଧ୍ୟକୁ ପଶିଆସିବା ସହ ବ୍ୟାପକ ଫସଲ ନଷ୍ଟ କରୁଛନ୍ତି। ତେଣୁ ଏପରି ବେଆଇନ ମଦ ପ୍ରସ୍ତୁତି ଉପରେ ରୋକ୍ ଲଗାଯିବା ସହ ହାତୀପଲଙ୍କୁ ମଧ୍ୟ ରୋକାଯାଉ।

**–ସୁନୀଲ ସାହୁ, ଖମାର**

### ମଦ ଜବତ, ୮ ମାମଲା ରୁଜୁ

**ଛେଣ୍ଡିପଦା, ୪।୧୧(ସ୍ୱ.ପ୍ର.)**

ଅନୁଗୋଳ ଅବକାରୀ ବିଭାଗ ବୁଧବାର ଛେଣ୍ଡିପଦା ବ୍ଲକ ବାଗଡିଆ, ନୂଆଗାଁ ଓ ପାତ୍ରପଡା ଗ୍ରାମରେ ଚଢ଼ାଉ କରି ୩୫୦ ଲିଟର ଚୋରା ଦେଶୀ ମଦ ଜବତ କରିବା ସହ ପ୍ରାୟ ୫ହଜାର କେଜି ମହୁଲ ପୋଚ ନଷ୍ଟ କରିଛି। ଏଥିରେ ବାଗଡିଆ ଗ୍ରାମର ୬ ଜଣ, ପାତ୍ରପଡାରୁ ଜଣେ ଏବଂ ନୂଆପଡାରୁ ଜଣଙ୍କ ନାମରେ ମାମଲା ରୁଜୁ କରାଯାଇଛି। ଚଢ଼ାଉରେ ମାଜିଷ୍ଟ୍ରେଟ ଭାବେ ଅନୁଗୋଳ ସହକାରୀ ଜିଲାପାଳ ଦେଳଗୋବିନ୍ଦ ସାହୁ, ଅବକାରୀ ନିରୀକ୍ଷକ କରୁଣା ଶଙ୍କର ତିୱାରୀ, ପୋଲିସ୍ ଫୋର୍ସ ସହ ୧୫ ଅବକାରୀ କର୍ମଚାରୀ ସାମିଲ ଥିଲେ।

### ୧୧୨ ଆକ୍ରାନ୍ତ ଚିହ୍ନଟ

**ଅନୁଗୋଳ ଅଫିସ, ୪।୧୧**

ଅନୁଗୋଳ ଜିଲାରୁ ବୁଧବାର ୧୧୨ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ପଜିଟିଭ୍ ସଂଖ୍ୟା ୯,୨୫୮ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ବଣ୍ଟାଁରପାଳରୁ ୩୧, ଅନୁଗୋଳ ବ୍ଲକରୁ ୨୭ ଓ ପୌରାଞ୍ଚଳରୁ ୧୪, ତାଳଚେର ବ୍ଲକରୁ ୧୪ ଓ ପୌରାଞ୍ଚଳରୁ ୬, ଛେଣ୍ଡିପଦା ବ୍ଲକରୁ ୭, ଆଠମଲ୍ଲିକ ବ୍ଲକରୁ ୪ ଓ ବିଜ୍ଞାପିତ ଅଞ୍ଚଳ ପରିଷଦରୁ ୨, କଣିହାଁରୁ ୪, ପାଲଲହଡ଼ାରୁ ୨ ଓ କିଶୋରନଗରରୁ ଜଣେ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି। ଅନ୍ୟପକ୍ଷରେ ଜିଲାରୁ ଆଉ ୮୯ ଜଣ ସୁସ୍ଥ ହୋଇଛନ୍ତି।

## ସଂକ୍ଷେପରେ

### ଅଜଗର ପ୍ରଦର୍ଶନ କରି ଗିରଫ



**ଢେଙ୍କାନାଳ ଅଫିସ, ୪।୧୧:** ଢେଙ୍କାନାଳ ସହରରେ ଅଜଗର ଧରି ସାଧାରଣରେ ପ୍ରଦର୍ଶନ କରୁଥିବା ବେଳେ ଜଣେ ବ୍ୟକ୍ତିଙ୍କୁ ବନ ବିଭାଗ ଗିରଫ କରିଛି। ସେ ହେଲେ ରଞ୍ଜନ ପଧାନ (୪୦)। ତାଙ୍କ ଘର ଯାଜପୁର ଜିଲା କଳିଙ୍ଗନଗର ଥାନା ଦଶମାଣିଆ ଗ୍ରାମରେ। ଏ ସଂକ୍ରାନ୍ତରେ ଓଆର୍ କେସ୍ ନଂ. ୧୧୩ଡି/୨୦୨୦-୨୧ରେ ମାମଲା ରୁଜୁ କରାଯାଇଥିବା ଜିଲା ବନଖଣ୍ଡ ଅଧିକାରୀ ପ୍ରକାଶଚାନ୍ଦ ଗୁଗିନାନି ସୂଚନା ଦେଇଛନ୍ତି।

### ୧୮ ଆକ୍ରାନ୍ତ, ୧୫ ସୁସ୍ଥ

**ଢେଙ୍କାନାଳ ଅଫିସ, ୪।୧୧:** ଢେଙ୍କାନାଳ ଜିଲାରୁ ବୁଧବାର ୧୮ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୧୫ଜଣ ଆରୋଗ୍ୟ ହୋଇଛନ୍ତି। ଏହାକୁ ମିଶାଇ ମୋଟ୍ ୫,୨୦୭ ସଂକ୍ରମିତ ହୋଇଥିବା ବେଳେ ୪,୮୮୧ ସୁସ୍ଥ ହେଲେଣି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଢେଙ୍କାନାଳ ପୌରାଞ୍ଚଳର ୬, ପରଜଙ୍ଗ ବ୍ଲକର ୩, କାମାକ୍ଷାନଗର ବ୍ଲକର ୨, ସଦର ବ୍ଲକର ୧, ଓଡ଼ାପଡ଼ା ବ୍ଲକର ୨, ହିନ୍ଦୋଳ ବ୍ଲକର ୩, ଗଁଦିଆ ବ୍ଲକର ଜଣେ ଅଛନ୍ତି। ଆକ୍ରାନ୍ତଙ୍କୁ ଜିଲା କୋଭିଡ୍ ହସ୍ପିଟାଲ ସମେତ ବିଭିନ୍ନ କେୟାର ସେଣ୍ଟରରେ ଭର୍ତ୍ତି କରାଯାଇଛି।

### ଅକ୍ଟୋବରରେ ୧୩ ଶିକାରୀ ଗିରଫ

**ଢେଙ୍କାନାଳ ଅଫିସ, ୪।୧୧:** ଢେଙ୍କାନାଳ ଜିଲା ବନଖଣ୍ଡ ପକ୍ଷରୁ ଗତ ଅକ୍ଟୋବରରେ ବିଭିନ୍ନ ରେଞ୍ଜରେ ଚଢ଼ାଉ କରାଯାଇ ବନ୍ୟପ୍ରାଣୀ ଶିକାର ମାମଲାରେ ୧୩ ଶିକାରୀଙ୍କୁ ଗିରଫ କରାଯାଇଛି। ସେହିପରି କାଠଚୋରି ଏବଂ ଜଙ୍ଗଲ ବିଭାଗ ସହିତ ଜଡ଼ିତ ଅନ୍ୟ ମାମଲାରେ ୩୨ଜଣ ଗିରଫ ହୋଇଛନ୍ତି। ଜିଲାର ୮ ରେଞ୍ଜ୍ ଅଧୀନ ସଂରକ୍ଷିତ ଜଙ୍ଗଲରେ ଚଢ଼ାଉ କରାଯାଇ ୬.୧୮୭ ଘନଫୁଟ ଶାଳକାଠ ଜବତ କରାଯାଇଛି। କାଠ ଜବତ ଏବଂ ଅନ୍ୟ ମାମଲାରେ ୫.୧୩ ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇଥିବା ଜିଲା ବନଖଣ୍ଡ ଅଧିକାରୀ ପ୍ରକାଶଚାନ୍ଦ ଗୁଗିନାନି ସୂଚନା ଦେଇଛନ୍ତି।

### ନିଯୁକ୍ତି ସମୟସୀମା ବୃଦ୍ଧି ଦାବି ଜୋର୍ ଧରିଲା

**ଢେଙ୍କାନାଳ ଅଫିସ, ୪।୧୧:** ଢେଙ୍କାନାଳ ଜିଲାରେ କାର୍ଯ୍ୟରତ ହୋଇଥିବା ଏଏନ୍ଏମ୍‌ଙ୍କ ନିଯୁକ୍ତି ସମୟସୀମା ବୃଦ୍ଧି କରିବା ପାଇଁ ଦାବି ଜୋର ଧରିଛି। ଖୋର୍ଦ୍ଧା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମ୍ପୃକ୍ତ ଜିଲାରେ କୋଭିଡ୍ ପରିଚାଳନାରେ ନିୟୋଜିତ ଏଏନ୍ଏମ୍‌ଙ୍କ ନିଯୁକ୍ତି ସମୟସୀମା ବୃଦ୍ଧି କରାଯାଇଥିବା ଜଣାପଡ଼ିବା ପରେ ଢେଙ୍କାନାଳରେ ନିଯୁକ୍ତି ହରାଇଥିବା ଏଏନ୍ଏମ୍ ମଙ୍ଗଳବାର ପୂର୍ବାହ୍ନରେ ସିଡିଏମ୍ଓ ଏବଂ ଜିଲାପାଳଙ୍କୁ ଭେଟି ଦାବି ଦୋହରାଇଛନ୍ତି। କରୋନା ସମୟରେ ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟସେବା କାମରେ ନିୟୋଜିତ କରିବାକୁ ଅନୁରୋଧ କରାଯାଇଥିବା ମିଡିଆ ପ୍ରଭାରୀ ଅଜୟ କୁମାର ସାହୁ ଜଣାଇଛନ୍ତି। ସୂଚନାଯୋଗ୍ୟ, ସମ୍ପୃକ୍ତ ଏଏନ୍ଏମ୍ କରୋନା ସମୟରେ ସ୍ୱଳ୍ପ ଦରମାରେ ଘର ଘର ବୁଲି ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ସ୍ୱାବ୍ ସଂଗ୍ରହ, ଆଣ୍ଟିଜେନ୍ ଟେଷ୍ଟ କରିବା ସହ ଔଷଧ ବାଣ୍ଟିଥିଲେ। ହେଲେ ଗତ ୨୪ ତାରିଖରେ ସେମାନଙ୍କୁ କାର୍ଯ୍ୟରୁ ବାହାର କରିଦିଆଯାଇଥିଲା।

# କାମଚଳାରେ ଚାଲିଛି କାମ

**ଢେଙ୍କାନାଳ ଅଫିସ, ୪।୧୧**



- ଢେଙ୍କାନାଳ ଜିଲାକୁ ଅଣଦେଖା ଅଭିଯୋଗ
- ମାସେ ହେଲା ଏସ୍‌ପି, ୬ମାସ ହେଲା ଏଡିଏମ୍ ପଦବୀ ଖାଲି
- ୨ବର୍ଷ ହେଲା ନାହାନ୍ତି ଡିଆଇପିଆର୍‌ଓ, ପର୍ଯ୍ୟଟନ ଅଧିକାରୀ
- ଲାଗିରହିଛି ପ୍ରଶାସନିକ ଅଚଳାବସ୍ଥା, ତୀବ୍ର ହେଉଛି ଅସନ୍ତୋଷ

ଶିଳ୍ପରେ ସମୃଦ୍ଧ। ପର୍ଯ୍ୟଟନ ସମ୍ଭାରରେ ଭରପୂର। ରାଜନୈତିକ ଏବଂ ପ୍ରଶାସନିକ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ। ଏସବୁ ବଢ଼ାଇଛି ଢେଙ୍କାନାଳର ଗୁରୁତ୍ୱ। ହେଲେ ରାଜ୍ୟର କେନ୍ଦ୍ରସ୍ଥଳରେ ଅବସ୍ଥିତ ଏହି ଜିଲାର ପ୍ରଶାସନିକ ପରିଚାଳନା ବ୍ୟବସ୍ଥା ଢିଲା ପଡ଼ିଛି। ଦୀର୍ଘଦିନ ଧରି ଗୁରୁତ୍ୱପୂର୍ଣ୍ଣ ପଦପଦବୀ ଖାଲି ପଡ଼ିଥିବାରୁ ଲାଗିରହିଛି ଅଚଳାବସ୍ଥା। କାମଚଳାରେ ହେଉଥିବା କାମ ହିତାଧିକାରୀଙ୍କୁ ସନ୍ତୁଷ୍ଟ କରିପାରୁ ନ ଥିବାବେଳେ ଏହାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି।

ଢେଙ୍କାନାଳ ଜିଲାରେ ପୋଲିସ ମୁଖିଆ ପଦବୀ ମାସେ ହେଲା ଖାଲିପଡ଼ିଛି। ସେହିପରି ୬ମାସ ହେବ ଜିଲା କାର୍ଯ୍ୟାଳୟରେ ଅତିରିକ୍ତ ଜିଲାପାଳ (ପ୍ରଶାସନ), ୨ବର୍ଷ ହେବ ଜିଲା ପର୍ଯ୍ୟଟନ ଅଧିକାରୀ ଏବଂ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ (ଡିଆଇପିଆର୍‌ଓ) ପଦବୀରେ ସ୍ଥାୟୀ ନିଯୁକ୍ତି ଦିଆଯାଇନାହିଁ। ଭାରପ୍ରାପ୍ତ ଅଧିକାରୀମାନେ ଅତିରିକ୍ତ ଭାବେ ଏହି ଦାୟିତ୍ୱ ସମ୍ଭାଳୁଛନ୍ତି। ଜିଲାରେ ଦୁଇ ଅତିରିକ୍ତ ଜିଲାପାଳ ପଦବୀ ରହିଛି। ସେଥିରୁ ଗୋଟିଏ ରାଜସ୍ୱ, ଅନ୍ୟଟି ପ୍ରଶାସନ। ଜୁନ୍‌ରୁ ଅତିରିକ୍ତ ଜିଲାପାଳ (ପ୍ରଶାସନ)ଙ୍କ ବଦଳି ହୋଇଯାଇଥିଲା। ରାଜସ୍ୱ ବିଭାଗର ଅତିରିକ୍ତ ଜିଲାପାଳ ଏବେ ଏହି ଦାୟିତ୍ୱରେ ଅଛନ୍ତି। ସେହିପରି ମାସେ ତଳେ ଏସ୍‌ପିଙ୍କୁ ଭିଜିଲାନ୍ସ ବିଭାଗକୁ ବଦଳି କରିଦିଆଯାଇଥିଲା। ଦଶହରା ଓ ଲକ୍ଷ୍ମୀପୂଜା ପାଖେଇ ଆସୁଥିବା ବେଳେ ହଠାତ୍ ଏସ୍‌ପିଙ୍କୁ ବଦଳି କରାଯିବାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏବେ ଅନୁଗୋଳ ଏସ୍‌ପି ଢେଙ୍କାନାଳ ଦାୟିତ୍ୱରେ ରହିଛନ୍ତି। ପାର୍ବଣ ସମୟରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଲେ ପୋଲିସ ମୁଖିଆଙ୍କ ବିନା କିପରି ଏହାକୁ ନିୟନ୍ତ୍ରଣ କରିହେବ ତାକୁ ନେଇ ଏବେ ଚର୍ଚ୍ଚା ହେଉଛି। ସେହିପରି ଦୁଇବର୍ଷ ହେବ ଖାଲି ପଡ଼ିଥିବା ଜିଲା ପର୍ଯ୍ୟଟନ ଅଧିକାରୀ ଦାୟିତ୍ୱରେ ଅନୁଗୋଳ ଜିଲା ପର୍ଯ୍ୟଟନ ଅଧିକାରୀ ଦାୟିତ୍ୱ ତୁଲାଉଛନ୍ତି। ଆଗକୁ ପର୍ଯ୍ୟଟନ ଋତୁ ଆସୁଥିବାବେଳେ ବିଭାଗୀୟ ମୁଖିଆ ନ ଥିବା ନେଇ ଆଲୋଚନା ଜୋର୍ ଧରିଛି। ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗରେ ମଧ୍ୟ ଅନୁରୂପ ଅବସ୍ଥା। ଏଠାରେ ମଧ୍ୟ ଦୁଇବର୍ଷ ହେଲା ମୁଖ୍ୟ ପଦବୀ ଖାଲିପଡ଼ିଛି। ଜଣେ ଡେପୁଟି କଲେକ୍ଟର ଏହି ଦାୟିତ୍ୱରେ ସମ୍ଭାଳୁଛନ୍ତି। ଜିଲାରେ ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ ସ୍ଥାୟୀ ଅଧିକାରୀ ନ ଥିବାରୁ ବ୍ୟାପକ ସମସ୍ୟା ଦେଖାଦେଇଛି। ସରକାର ଏଥିପ୍ରତି ଦୃଷ୍ଟି ଦେଇ ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବି ହୋଇଛି।

### ବହୁ ମାମଲା ପଡ଼ିରହିଛି



"ଢେଙ୍କାନାଳ ଭଳି ପ୍ରମୁଖ ଜିଲାରେ ମାସେ ହେବ ଏସ୍‌ପି ପଦବୀ ଏବଂ ୬ମାସ ହେଲା ଗୋଟିଏ ଏଡିଏମ୍ ପଦବୀ ଖାଲି ପଡ଼ିବା ଦୁର୍ଭାଗ୍ୟର ବିଷୟ। ପାର୍ବଣ ସମୟରେ ଜିଲାରେ ପୋଲିସ ମୁଖିଆ ନ ରହିବା ଯୋଗୁ ଆଇନ ଶୃଙ୍ଖଳା ପରିସ୍ଥିତିକୁ କିଭଳି ଧ୍ୟାନ ଦିଆଯିବ ତାହା ସରକାର ଜାଣିବା କଥା। ଏଡିଏମ୍ ପଦବୀ ଖାଲି ପଡ଼ିଥିବା ଯୋଗୁ କୋର୍ଟ କାମ ହୋଇପାରୁନାହିଁ। ବହୁ ମାମଲା ମଧ୍ୟ ପଡ଼ିରହିଛି।

-ଭାବଗ୍ରାହୀ ପଣ୍ଡା, ଆଇନଜୀବୀ

### ଜନପ୍ରତିନିଧି ଦୃଷ୍ଟି ନ ଦେବା ଦୁଃଖର ବିଷୟ



"ଢେଙ୍କାନାଳ ଜିଲାରେ ଐତିହ୍ୟସମ୍ପନ୍ନ ଗଣପର୍ବ ଲକ୍ଷ୍ମୀପୂଜା ପାଳନ କରାଯାଉଥିବା ବେଳେ ଏସ୍‌ପି ପଦବୀ ଖାଲି ପଡ଼ିବା ଚିନ୍ତାର ବିଷୟ। ଯଦିଓ କୋଭିଡ୍ କଟକଣା ପାଇଁ ଏଥର ପୂଜା ନିରାଡମ୍ବରରେ ହେଉଛି, ତଥାପି ପାର୍ବଣକୁ ସୁଚାରୁରୂପେ ପରିଚାଳନା କରିବା ଲାଗି ଜିଲା ପୋଲିସ ମୁଖ୍ୟଙ୍କ ଗୁରୁଦାୟିତ୍ୱ ରହିଛି। ଜନପ୍ରତିନିଧି କିମ୍ବା ସରକାର ଏଥିପ୍ରତି ଦୃଷ୍ଟି ନ ଦେବା ଦୁଃଖର ବିଷୟ।

-ବିଶ୍ୱନାଥ ବେହେରା, ସଭାପତି ମିଳିତବଜାର ଲକ୍ଷ୍ମୀପୂଜା କମିଟି

### ଆଇନଶୃଙ୍ଖଳା ବିଗୁଡୁଛି



"ପ୍ରଶାସନିକ ତଥା ରାଜନୈତିକ ଦୃଷ୍ଟିକୋଣରୁ ଢେଙ୍କାନାଳର ଗୁରୁତ୍ୱ ଅଧିକ। ଏଠାରେ ବହୁ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ଅଧିକାରୀ ଚୌକି ଖାଲିପଡ଼ିଛି। ଅନ୍ୟ ଜିଲାର ଏସ୍‌ପିଙ୍କୁ ଦାୟିତ୍ୱ ଦିଆଯାଇଛି। ଟ୍ରାଫିକ୍ ପରିଚାଳନାରେ ସମସ୍ୟା ହେଉଛି। ଲକ୍ଷ୍ମୀପୂଜା ପରିଚାଳନାରେ ସମସ୍ୟା ଉପୁଜୁଛି। ଆଇନଶୃଙ୍ଖଳା ବିଗୁଡୁଛି। ସରକାର ଏହାକୁ ଗୁରୁତ୍ୱର ସହ ବିଚାର କରିବା ଆବଶ୍ୟକ।

-ସୁଧାଂଶୁ କୁମାର ଦଳେଇ, ସମ୍ପାଦକ, ଜବାହର ଚୌକ ଲକ୍ଷ୍ମୀପୂଜା କମିଟି

## ଜିଲା ନିୟୋଜନ କାର୍ଯ୍ୟାଳୟରେ ପ୍ରାର୍ଥୀ ଚୟନ ଶିବିର

**ଢେଙ୍କାନାଳ ଅଫିସ, ୪।୧୧**

ଢେଙ୍କାନାଳ ଜିଲାରେ ଥିବା ନିୟୋଜନ କାର୍ଯ୍ୟାଳୟଗୁଡ଼ିକରେ ଏସ୍ଆଇଏସ୍ ସିକ୍ୟୁରିଟି ସଂସ୍ଥା ପକ୍ଷରୁ ଆସନ୍ତା ୬, ୯,୧୦ ଓ ୧୧ ତାରିଖରେ ନିରାପତ୍ତା ରକ୍ଷୀ ଓ ନିରାପତ୍ତା ସୁପରଭାଇଜର ନିଯୁକ୍ତି ନିମନ୍ତେ ପ୍ରାର୍ଥୀ ଚୟନ ଶିବିର ଅନୁଷ୍ଠିତ ହେବ। ୬ ତାରିଖରେ ସଦର, ଗଁଦିଆ ଏବଂ ଓଡ଼ାପଡ଼ା ବ୍ଲକ ପାଇଁ ଜିଲା ନିୟୋଜନ କାର୍ଯ୍ୟାଳୟ, ୯ରେ କାମାକ୍ଷାନଗର, ପରଜଙ୍ଗ, କଙ୍କଡାହାଡ, ଭୁବନ ବ୍ଲକ ପାଇଁ କାମାକ୍ଷାନଗର ଉପଖଣ୍ଡ ନିୟୋଜନ କାର୍ଯ୍ୟାଳୟ, ୧୦ରେ ହିନ୍ଦୋଳ ବ୍ଲକ ଓ ଏନ୍ଏସି ପାଇଁ ହିନ୍ଦୋଳ ଉପଖଣ୍ଡ ନିୟୋଜନ କାର୍ଯ୍ୟାଳୟରେ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହେବ। ଉପରୋକ୍ତ ତାରିଖରେ ଯୋଗ ଦେଇପାରି ନ ଥିବା ପ୍ରାର୍ଥୀ ୧୧ ତାରିଖରେ ଢେଙ୍କାନାଳ ଜିଲା ନିୟୋଜନ କାର୍ଯ୍ୟାଳୟରେ ଚୟନ ପ୍ରକ୍ରିୟାରେ ଯୋଗଦେଇପାରିବେ। ଆଶାୟୀମାନେ ଶିକ୍ଷାଗତ ପ୍ରମାଣପତ୍ର, ପରିଚୟପତ୍ର, ବ୍ଲଡ୍ ଗ୍ରୁପ୍, ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର, ବ୍ୟାଙ୍କ ପାସ୍‌ବୁକ୍ ସହିତ କୋଭିଡ୍ ନିୟମ ମାନି ନିଯୁକ୍ତିର ସୁଯୋଗ ନେବାକୁ ଜିଲା ନିୟୋଜନ ଅଧିକାରୀ ପରାମର୍ଶ ଦେଇଛନ୍ତି।

# ତେଜିଲା ସବର୍ଣ୍ଣ-ଅସବର୍ଣ୍ଣ ବିବାଦ




ଥାନା ଆଗରେ ଧାରଣା ଦିଆଯାଇଛି।

**ଭୁବନ, ୪।୧୧(ଡି.ଏନ୍.ଏ.)**

- ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଦଳିତଙ୍କ ଧାରଣା
- ତଦନ୍ତ କଲେ ଅତିରିକ୍ତ ଏସ୍‌ପି, ଥାନାଧିକାରୀ

ଢେଙ୍କାନାଳ ଜିଲା ଭୁବନ ଥାନା ଯମୁନାକୋଟ ପଞ୍ଚାୟତ ଅଧୀନ କୃଷ୍ଣପୁର ଗ୍ରାମରେ ସବର୍ଣ୍ଣ ଓ ଅସବର୍ଣ୍ଣଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ବିବାଦ ଜଟିଳ ରୂପ ଧାରଣ କରିଛି। ଅଭିଯୁକ୍ତଙ୍କୁ ଗିରଫ ଦାବିରେ ବୁଧବାର ଦଳିତ ସାହି ବାସିନ୍ଦା ଥାନା ସମ୍ମୁଖରେ ଧାରଣା ଦେଇଥିଲେ।

ଅଭିଯୋଗ ଅନୁଯାୟୀ, ମାସେ ତଳେ ଗାଧୁଆ ତୁଠକୁ ନେଇ ଗ୍ରାମରେ ବିବାଦ ଉପୁଜିଥିଲା। ଏ ନେଇ ଦୁଇ ପରିବାର ଥାନାର ଦ୍ୱାରସ୍ଥ ହୋଇଥିଲେ। ଏତଲାକୁ କେନ୍ଦ୍ରକରି ପୋଲିସ ଉଭୟ ପକ୍ଷରୁ ୨ ଜଣଙ୍କୁ ଗିରଫ କରିଥିଲା। ଗତ ସୋମବାର ମଲ୍ଲି ମଳିକ (୩୫) ନାଳକୁ ଗାଧୋଇବାକୁ ଯାଇଥିବାବେଳେ କାଳିଆ ପାଣି ଏବଂ ସଫେଇ ପାଣି ତାଙ୍କୁ ଗାଳିଗୁଲଜ କରିଥିବା ଥାନାରେ ଅଭିଯୋଗ ହୋଇଥିଲା। ତେବେ ଅଭିଯୁକ୍ତଙ୍କୁ ଗିରଫ କରାଯାଉ ନ ଥିବା ଅଭିଯୋଗ ଆଣି ଦଳିତ ସାହିବାସୀ ଧାରଣା ଦେଇଥିଲେ। ଥାନାଧିକାରୀ ଜିତେନ୍ଦ୍ର ସାହୁ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଗ୍ରାମରେ ୨ଜଣ ପୋଲିସ ନିୟୋଜିତ କରାଯାଇଛି। ଏହାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଭୀମ୍ ଆର୍ମିର ବ୍ଲକ ସଭାପତି ଗୌତମ ପାତ୍ର, ଉପସଭାପତି ହୃଦାନନ୍ଦ ମଳିକ, ସମ୍ପାଦକ କମଳ ଲୋଚନ ପାତ୍ରଙ୍କ ସମେତ ବହୁ ଦଳିତ ଧାରଣାରେ ସାମିଲ ହୋଇଥିଲେ। ଅତିରିକ୍ତ ଏସ୍‌ପି ବିନୟକୃଷ୍ଣ କାମିଲା, ଥାନାଧିକାରୀ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି।

# ଦୁର୍ଘଟଣାରେ ମୃତ୍ୟୁ ପରେ ଫିଙ୍ଗି ଦେଇଥିଲେ

**ରାସୋଳ/ସାତମାଇଲ, ୪।୧୧(ଡି.ଏନ.ଏ.)**

**ଯୁବକଙ୍କ ମୃତଦେହ ଉଦ୍ଧାର ଘଟଣା**

ହିନ୍ଦୋଳ ବ୍ଲକ ରାସୋଳ ଥାନା ଅନ୍ତର୍ଗତ ପଞ୍ଚପଡ଼ା ଗ୍ରାମ ନିକଟ ଗୁରିଲୋ ଜଙ୍ଗଲ ବୁଦାରୁ ଗତ ସୋମବାର ଉଦ୍ଧାର କରାଯାଇଥିବା ମୃତ ଯୁବକଙ୍କ ପରିଚୟ ମିଳିଛି। ସେ ହେଲେ କଟକ ଲାଲବାଗ୍ ଥାନା ଅଞ୍ଚଳର ମହମ୍ମଦ ସୋଫିଆନ୍ (୨୦)। ଦୁର୍ଘଟଣାରେ ମୃତ୍ୟୁ ଘଟିବା ପରେ ତାଙ୍କର ଦୁଇଜଣ ସାଥୀ ମୃତଦେହକୁ ଫିଙ୍ଗି ଦେଇଥିଲେ। ପୋଲିସ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛି। ପୋଲିସ ସୂଚନା ଅନୁଯାୟୀ, ଗତ ୧ ତାରିଖରେ ମହମ୍ମଦ ସୋଫିଆନ୍, ଡ୍ରାଇଭର ମୋଜିବ୍ ଖାନ୍, ହେଲ୍‌ପର ସୁବିଦ୍ ବକ୍ସ ଏକ ପିକ୍‌ଅପ୍ ଭ୍ୟାନ୍ (ନଂ. ଓଡି ୦୫ଏଚ୍ ୪୮୮୧)ରେ ହିନ୍ଦୋଳ ଅଞ୍ଚଳକୁ ଗୋରୁ କିଣିବାକୁ ଆସିଥିଲେ। ବାଲିମୀ ଥାନା ପଞ୍ଚପଡ଼ା ବାହାଳ ଛକ ନିକଟରେ ଭାରସାମ୍ୟ ହରାଇ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ମହମ୍ମଦ ସୋଫିଆନ୍‌ଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଭୟରେ ମୃତଦେହ ଆଣି ସେମାନେ ଗୁରିଲୋ ଜଙ୍ଗଲ ବୁଦାରେ ପକାଇଦେଇ ପଳାଇଥିଲେ। ସୋଫିଆନଙ୍କ ସମ୍ପର୍କରେ ତାଙ୍କ ମା' ପଚାରିବାରେ ସୁବିଦ୍ ସମସ୍ତ ଘଟଣା କହିଥିଲେ। ଆଇଆଇସି ବିଜୟ କୁମାର ହାଇବ୍ରୁଙ୍କ ନିର୍ଦ୍ଦେଶରେ ଏସ୍ଆଇ ବିଦ୍ୟୁସ୍ମିତା ବାରିକ ଦୁଇ ଅଭିଯୁକ୍ତଙ୍କୁ କଟକରୁ ଗିରଫ କରିଥିଲେ। ପ୍ରାଥମିକ ତଦନ୍ତ ସୋଫିଆନଙ୍କ ମୃତ୍ୟୁ ଦୁର୍ଘଟଣାଜନିତ ବୋଲି କୁହାଯାଉଛି। ବ୍ୟବଚ୍ଛେଦ ରିପୋର୍ଟରୁ ଏହାର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

## କାଇମେଟ୍‌ରୁ ଚୋରି

**ଛେଣ୍ଡିପଦା, ୪।୧୧(ସ୍ୱ.ପ୍ର.)**

ଛେଣ୍ଡିପଦାସ୍ଥିତ କଳିଙ୍ଗ ଇନଷ୍ଟିଚ୍ୟୁଟ ଅଫ୍ ମାଇନିଂ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି (କାଇମେଟ୍)ରୁ ଖେଳ ଓ ବୈଦ୍ୟୁତିକ ଉପକରଣ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ୨ ବର୍ଷ ହେବ ବିବାଦ ଲାଗିରହିଥିବା ଯୋଗୁ ଅନୁଷ୍ଠାନଟି ବନ୍ଦ ରହିଥିଲା। କାଇମେଟର ଭାରପ୍ରାପ୍ତ ଅଧ୍ୟକ୍ଷ ସୁକାନ୍ତ କୁମାର ମହାନ୍ତିଙ୍କ ଅଭିଯୋଗ ଅନୁଯାୟୀ, ବୁଧବାର ସକାଳ ୧୦ଟା ବେଳେ ବିଦ୍ୟାଳୟ ଖୁଲିବା ସହ ସମସ୍ତ ସାମଗ୍ରୀ ତଦାରଖ କରିଥିଲେ। ସେଥିମଧ୍ୟରେ ବିଭାଗର ଲ୍ୟାବ୍‌ରେ ଥିବା ମୋଟର, ଟ୍ରାନ୍ସଫର୍ମର, କେବୁଲ, ଜେନେରେଟର ଆଦି ମୋଟ ୨୨ଟି ଉପରକରଣ ଏବଂ କ୍ରୀଡ଼ା ବିଭାଗର କୋଠରିରୁ ସାମଗ୍ରୀ ଚୋରି ହୋଇଥିବା ଜାଣିଥିଲେ।

## ଗଡ଼ିଲା ଏଡ୍‌ସ ସଚେତନତା ରଥ

**ଅନୁଗୋଳ ଅଫିସ, ୪।୧୧**

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ବୁଧବାର ଏଡ୍‌ସ ସଚେତନତା ରଥ ଶୁଭାରମ୍ଭ ହୋଇଛି। ଜିଲାପାଳ ଏହାର ଶୁଭାରମ୍ଭ କରିବା ସହ ଏଡ୍‌ସର ଭୟାବହତା ଓ ନିରାକରଣ ଉପରେ ଲୋକଙ୍କୁ ସଚେତନ କରାଇବ ବୋଲି କହିଥିଲେ। ସଚେତନତା ରଥ ଅନୁଗୋଳ ସମେତ ବଣ୍ଟଁରପାଳ, ଛେଣ୍ଡିପଦା, କଣିହାଁ ଓ ତାଳଚେର ବ୍ଲକରେ ୫ ଦିନ ଧରି ଲୋକଙ୍କୁ ସଚେତନ କରିବ। ଏହି ଅବସରରେ ଚିକିତ୍ସାଳୟ ପରିସରରେ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଜିଲା ଏଡ୍‌ସ ନିୟନ୍ତ୍ରଣ ଅଧିକାରୀ ଡା. ବିଶ୍ୱ ବିହାରୀ ମହାନ୍ତି, ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଦିଲ୍ଲୀପ ପଟ୍ଟନାୟକ, ଡିପିଏମ୍ ବିଶ୍ୱରଞ୍ଜନ ରଥ, ଡା. ପ୍ରମିଳା ହୋତା, ଆଇସିଟିସି କର୍ମକର୍ତ୍ତା, କେୟାର ସପୋର୍ଟ ସେଣ୍ଟର କର୍ମଚାରୀ ଓ ବିଭିନ୍ନ ଏନ୍‌ଜିଓର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ଆଉଟ୍‌ପୋଷ୍ଟ ସ୍ଥାପନ ଦାବି



ଦାବିପତ୍ର ପ୍ରଦାନ ଅବସରରେ ଡାକ୍ତରମାନେ।

**ଢେଙ୍କାନାଳ ଅଫିସ, ୪।୧୧**

ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ତୁରନ୍ତ ଏକ ଆଉଟ୍‌ପୋଷ୍ଟ ସ୍ଥାପନ କରିବାକୁ ଦାବି କରିଛନ୍ତି ଡାକ୍ତର। ସ୍ୱାସ୍ଥ୍ୟକେନ୍ଦ୍ରରେ ବିଭିନ୍ନ ସମୟରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି। କର୍ତ୍ତବ୍ୟରତ ଡାକ୍ତର ଏବଂ କର୍ମଚାରୀଙ୍କୁ ଆକ୍ରୋଶମୂଳକ ଭାବେ ଆକ୍ରମଣ କରାଯାଉଛି। ଏଥିସହିତ ଚିକିତ୍ସାଳୟ ପରିସରକୁ ବିଭିନ୍ନ କାର୍ଯ୍ୟରେ ଆସୁଥିବା ଟ୍ୟାକ୍ସି, ଅଟୋରିକ୍ସାଗୁଡ଼ିକ ଦୀର୍ଘ ସମୟ ଅଟକି ରହୁଛି। ଫଳରେ ପାର୍କିଂ ସମସ୍ୟା ଉପୁଜୁଛି। ଏସବୁ ସମସ୍ୟାର ସମାଧାନ କରିବାକୁ ଏଡିଏମ୍ଓ (ମେଡିକାଲ) ଡା. ନମିତା ପଟ୍ଟନାୟକ, ଜିଲା ଓମ୍‌ସା ସଂଘ ସମ୍ପାଦକ ଡା. ପ୍ରଦ୍ୟୋତ ବେହେରା ପ୍ରମୁଖ ଜିଲା କାର୍ଯ୍ୟାଳୟରେ ଅତିରିକ୍ତ ଜିଲାପାଳ ସୌଦାମିନୀ ସେଠୀଙ୍କୁ ଭେଟି ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି।

# ମେଲାଣି ନେଲେ ଧନଦାତ୍ରୀ



**ଅନୁଗୋଳ ଅଫିସ, ୪।୧୧**

ଅନୁଗୋଳର ଗଣପର୍ବ ଲକ୍ଷ୍ମୀପୂଜାର ଭସାଣି ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ନିରାଡମ୍ବର ଭାବେ ବିଭିନ୍ନ କମିଟି ପକ୍ଷରୁ ମା'ଙ୍କୁ ବିଦାୟ ଦିଆଯାଇଛି। ତେବେ ପ୍ରଶାସନ ଜାରି କରିଥିବା ନିର୍ଦ୍ଦେଶନାମାକୁ ଅବମାନନା କରିଥିବାରୁ ପୂଜା କମିଟି ବିରୋଧରେ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଅମଲାପଡ଼ାରେ ପ୍ରଶାସନ ପକ୍ଷରୁ କରାଯାଇଥିବା ଅସ୍ଥାୟୀ ପୁଷ୍କରଣୀରେ ବିସର୍ଜନ କରି ନ ଥିବା କମିଟିକୁ ନୋଟିସ୍ ପଠାଯାଇଥିବା ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀ କହିଛନ୍ତି। ଅନ୍ୟପକ୍ଷରେ ଅସ୍ଥାୟୀ ପୁଷ୍କରଣୀରେ ମାତ୍ର ୫ ମେଢ଼ ବିସର୍ଜନ ହୋଇଥିବା ପୌରପାଳିକା ପକ୍ଷରୁ କୁହାଯାଇଛି।

## ମଣ୍ଡପରେ ମହାମାୟା



ଢେଙ୍କାନାଳ ଚନ୍ଦନ ବଜାର।



ଗୁଡ଼ିଆନାଳୀ।



କୁଞ୍ଜକାନ୍ତ।

